# ବିଜ୍ଞାପିତ ଅଂଚଳ ପରିଷଦ କାର୍ଯ୍ୟାଳୟ, ବିନିକା.

ପତ୍ର ସଂ. 1986 ତା. 01-09-2023

## ନୋ ଟି ସ

ବିଷୟ - ଏମ.ଡି.ଆର ୩୯ ରାଜ ପଥ କଡରୁ ବେଆଇନ ଜବର ଦଖଲ ଅପସାରଣ ସମ୍ବନ୍ଧେ ।

ଏତଦ୍ଦ୍ୱାରା ବିନିକା ବିଜ୍ଞାପିତ ଅଂଚଳ ପରିଷଦ ଅଧିନସ୍ଥ ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆ ଯାଉଅଛି ଯେ ଏମ.ଡି.ଆର - ୩୯ ରାଜ ପଥ ( ବିନିକା ସହରାଂଚଳ ଭାଗ ୨୧/୮୦୦ ରୁ ୨୪/୮୦୦) ପ୍ରଶସ୍ତି କରଣ ନିମନ୍ତେ ତା.୧୪.୦୮.୨୦୨୩ ରିଖରେ ଜବର ଦଖଲ ଉଚ୍ଛେଦ ପାଇଁ ଦିନ ଧାର୍ଯ୍ୟ କରାଯାଇଥିଲା । ଏଥି ନିମନ୍ତେ ଜାଗା ଚିହ୍ନଟ ପୂର୍ବରୁ କରାଯାଇଥିଲା । କିନ୍ତୁ ଆପଣ ମାନଙ୍କ ଅନୁରୋଧକୁ ରକ୍ଷାକରି ଉଚ୍ଛେଦ ପ୍ରକ୍ରିୟାକୁ ୧୫ ଦିନ ପାଇଁ ସ୍ଥଗିତ ରାଖାଯାଇଥିଲା ଏବଂ ଆପଣମାନେ ନିଜେ ନିଜ ତରଫରୁ ପ୍ରଶାସନକୁ ସହଯୋଗ ପୂର୍ବକ ଜବରଦଖଲ ଜାଗାକୁ ଖାଲି କରିବା ପାଇଁ ପ୍ରତିଶୃତି ଦେଇଥିଲେ, ଯାହା ଆପଣମାନେ କେତକାଂଶରେ ସହଯାଗ କରିଛନ୍ତି ସେଥିପାଇଁ ପ୍ରଶାସନ ପକ୍ଷରୁ ସାଧୁବାଦ ଦିଆଯାଉଅଛି । ଯେହେତୁ ଏମ.ଡି.ଡ.ଆର - ୩୯ ରାଜପଥ ପ୍ରଶସ୍ତି କରଣ ନିତ୍ୟାନ୍ତ ଆବଶ୍ୟକ ତେଣୁ ଆସନ୍ତା ତା. ୦୬.୦୯.୨୦୨୩ ଦିନ ସକାଳ ୮ ଘଟିକା ସମୟରୁ ଉଚ୍ଛେଦ କାର୍ଯ୍ୟ ଆରମ୍ଭ କରାଯିବ ଏବଂ ତା. ୦୨.୦୯.୨୦୨୩ ଏବଂ ୦୪.୦୯.୨୦୨୩ରିଖ ଦୁଇଦିନ ପାଇଁ ବିଜ୍ଞାପିତ ଅଂଚଳ ପରିଷଦ ଏବଂ ତହସିଲ କାର୍ଯ୍ୟଳୟ ତରଫରୁ ରାସ୍ତା ପାଇଁ ଆବଶ୍ୟକ ହେଉଥିବା ଜମିର ପୁନଃ ଚିହ୍ନଟ କରାଯିବ । ଏହି ପ୍ରକ୍ରୀୟାରେ ଆପଣମାନେ ଉପସ୍ଥିତ ରହି ପ୍ରଶାସନକୁ ସହଯୋଗ କରିବାପାଇଁ ଅନୁରୋଧ ।

1-9-23

କାର୍ଯ୍ୟନିର୍ବାହୀ ଅଧିକାରୀ
ବିଜ୍ଞପିତ ଅଂଚଳ ପରିଷଦ, ବିନିକା

ଜ୍ଞାପକ ସଂଖ୍ୟା ...1987... ତା. 01-09-2023

ଏହାର ଏକ କିତା ନକଲ ଡାକବାଜି ଯନ୍ତ୍ର ମାଧ୍ୟମରେ ବହୁଳ ପ୍ରଚାର ନିମନ୍ତେ ପ୍ରେରଣ କରାଗଲା/ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପରିଷଦ କାର୍ଯ୍ୟାଳୟ ବିଜ୍ଞାପନ ଫଳକରେ ସ୍ଥାନିତ କରାଗଲା ଓ ଡି.ଆ.ଓ. ସୁବର୍ଣ୍ଣପୁରଙ୍କୁ ଜିଲ୍ଲା **Website** ରେ ସ୍ଥାନିତ କରିବା କୁ ଅନୁରୋଧ କରାଗଲା

1-9-23

କାର୍ଯ୍ୟନିର୍ବାହୀ ଅଧିକାରୀ
ବିଜ୍ଞପିତ ଅଂଚଳ ପରିଷଦ, ବିନିକା

ଜ୍ଞାପକ ସଂଖ୍ୟା ..1988.... ତା. 01-09-2023

ଏହାର ଏକ କିତା ନକଲ ଜିଲ୍ଲାପାଳ ତଥା ଜିଲ୍ଲା ମାଜଷ୍ଟ୍ରେଟ, ସୁବର୍ଣ୍ଣପୁର/ ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ସହରାଂଚଳ ଉନ୍ନୟନ ସଂସ୍ଥା, ସୁବର୍ଣ୍ଣପୁର/ ତହସିଲଦାର, ବିନିକା/ଥାନା ଅଧିକାରୀ ବିନିକାଙ୍କ ସଦୟ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

1-9-23

କାର୍ଯ୍ୟନିର୍ବାହୀ ଅଧିକାରୀ
ବିଜ୍ଞପିତ ଅଂଚଳ ପରିଷଦ, ବିନିକା